# ଯୁବଶକ୍ତିର ସଦୁପଯୋଗ କଲେ ସମାଜ ବିକାଶ ସମ୍ଭବ

ଛତ୍ରପୁର,୬।୩(ଡି.ଏନ.ଏ)

ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଅଧୀନ ନେହେରୁ ଯୁବକେନ୍ଦ୍ର ପକ୍ଷରୁ କ୍ରାନ୍ତିବୀର ଯୁବ ଛାତ୍ର ସଙ୍ଗଠନ ସହଯୋଗରେ ଛତ୍ରପୁରସ୍ଥିତ ସଂସ୍କୃତି ଭବନଠାରେ ଶୁକ୍ରବାର ଜିଲସ୍ତରୀୟ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିସହ ଯୁବ କୃତିତ୍ୱ ସମ୍ମାନ ପ୍ରଦାନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ କହିଥିଲେ, ଯୁବଶକ୍ତି ନିକଟରେ ଅସରନ୍ତି ଶକ୍ତି ରହିଛି ଏବଂ ଏହାର ସଦୁପଯୋଗ କରାଗଲେ ସମାଜର ବିକାଶ ହୋଇପାରିବ। ମୁଖ୍ୟବକ୍ତା ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ ଯୁବ ସମାଜ ହିଁ ସୁସ୍ଥ ରାଷ୍ଟ୍ର ନିର୍ମାଣ କରିପାରିବ ବୋଲି କହିଥିଲେ। ଛତ୍ରପୁର ବ୍ଲକ ଅଧକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀ, ସାମାଜିକ କର୍ମୀ ସୁଦର୍ଶନ ଛୋଟରାୟ, ନେହେରୁ ଯୁବ କେନ୍ଦ୍ରର ଜିଲା ସଂଯୋଜକ ଅକ୍ଷୟ ଭାସ୍କର ନେପାଣେ, କ୍ରାନ୍ତି ଯୁବ ଛାତ୍ର ସଙ୍ଗଠନର ସଭାପତି ଇଜୁ ଆମିନ୍ ଖାନ୍ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟ ସମ୍ମାନିତ ଅତିଥି ଭାବେ ଜିଲା ଅକ୍ଷମ କଲ୍ୟାଣ ମହାସଂଘର ସାଧାରଣ ସମ୍ପାଦକ କେ. ଆନନ୍ଦ ରାଓ, ସୁଦାମ ଚରଣ ସାବତ ପ୍ରମୁଖ ଯୋଗଦେଇଥିଲେ । ଗୌରହରି ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ କ୍ରୀଡ଼ା, କଳା, ସାହିତ୍ୟ ଆଦି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ୭୦ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ମଞ୍ଚରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

## ଜିଲାସ୍ତରୀୟ ଯୁବ ସମ୍ମିଳନୀ




## ସଂକ୍ଷେପରେ

### ବ୍ୟାଙ୍କରେ ଠକେଇ ଗୁଜବ

**ଭଞ୍ଜନଗର,୬।୩(ଡି.ଏନ.ଏ)**- ଭଞ୍ଜନଗର ଅଞ୍ଚଳର ଏକ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ଠକେଇ ହୋଇଥିବାନେଇ କିଛିଦିନ ହେବ ସୋସିଆଲ ମିଡ଼ିଆରେ ଗୁଜବ ହେଉଛି। ଲୋକେ ବ୍ୟାଙ୍କରେ ବନ୍ଧକ ରଖିଥିବା ସୁନାରେ ଠକେଇ ହୋଇଥିବା ପ୍ରଚାର ହେଉଛି। ଏହାପୂର୍ବରୁ ଗତ ମାସରେ ଉକ୍ତ ବ୍ୟାଙ୍କ ବିରୋଧରେ ଆଉ ଏକ ମିଥ୍ୟା ପ୍ରଚାର ହୋଇଥିଲା। ଯାହାକୁ ନେଇ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ମୁଣ୍ଡବ୍ୟଥା ବଢ଼ିଯାଇଥିଲା। ଏହି ପ୍ରଚାର ମିଥ୍ୟା ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ ପ୍ରମାଣ କରିବାର କିଛିଦିନ ଯାଇ ନାହିଁ ପୁଣି ଆଉ ଗୋଟିଏ ଅପପ୍ରଚାର ବ୍ୟାଙ୍କ ବିରୋଧରେ ଆସିଛି। ଯାହାକୁ ନେଇ ନାନା ସନ୍ଦେହ ପ୍ରକାଶ ପାଉଛି। ବ୍ୟାଙ୍କ ଠକେଇ ସମ୍ପର୍କରେ ଭଞ୍ଜନଗର ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଗୁଜବ ହେଉଥିବା ନେଇ ବ୍ୟାଙ୍କ ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ଏନେଇ ଆମ ପାଖରେ ଅଭିଯୋଗ ହୋଇନାହିଁ। ଅଭିଯୋଗ ଆସିଲେ ତଦନ୍ତ ହେବ।

### ଦୁର୍ଘଟଣାରେ ବାଇକ୍ ଚଳାକ ମୃତ

**ଜଗନ୍ନାଥପ୍ରସାଦ,୬।୩(ଡି.ଏନ.ଏ.)**-ରାଜ୍ୟ ରାଜପଥ ନଂ. ୨୧ର ଜଗନ୍ନାଥପ୍ରସାଦ ନିକଟ ଚିକିଲି ଛକରେ ଶୁକ୍ରବାର ସନ୍ଧ୍ୟାରେ ଦୁର୍ଘଟଣାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିପାରି ନାହିଁ। ତାମନାଡ଼ ଗ୍ରାମର ଭାସ୍କର ନାଇକ ଗୋଟିଏ ବାଉଁଶ ତିଆରି ନିଶୁଣୀ ସାଇକେଲରେ ଧରି ଚିକିଲି ଗ୍ରାମକୁ ଆସୁଥିବା ବେଳେ ବିପରୀତ ଦିଗରୁ ବାଇକ (ନଂ ଓଡ଼ି୩୨-୪୪୨୧)ରେ ଆସୁଥିବା ଯୁବକ ନିଶୁଣିରେ ବାଡ଼େଇ ହୋଇଥିଲେ। ଦମକଳବାହିନୀ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଜଗନ୍ନାଥପ୍ରସାଦ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ବାଇକ୍ ଚାଳକଙ୍କୁ ମୃତ ଘୋଷଣା କରିଥିଲେ।

### କନିଷ୍ଠ ରାଜସ୍ୱ ସହକାରୀଙ୍କୁ ଚାକିରିରୁ ବହିଷ୍କୃତ

**ଛତ୍ରପୁର,୬।୩(ଡି.ଏନ୍.ଏ.)**- ସରକାରୀ କାର୍ଯ୍ୟରେ ଅବହେଳା, କାର୍ଯ୍ୟ କ୍ଷେତ୍ରରେ ଅନୁପସ୍ଥିତ ଏବଂ ଉଚ୍ଚ ପଦାଧିକାରୀଙ୍କ ନିର୍ଦ୍ଦେଶକୁ ଅବମାନନା ମହଙ୍ଗା ପଡ଼ିଛି। ଏ ନେଇ ଗଞ୍ଜାମ ଜିଲା ଖଲ୍ଲିକୋଟ ତହସିଲର କନିଷ୍ଠ ରାଜସ୍ୱ ସହକାରୀ ବ୍ରହ୍ମାନନ୍ଦ ତ୍ରିପାଠୀଙ୍କୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଚାକିରୀରୁ ବହିଷ୍କୃତ କରିଛନ୍ତି। ଏଥିସହ ଭବିଷ୍ୟତରେ କୌଣସି ସରକାରୀ ଚାକିରି କରିପାରିବେ ନାହିଁ ବୋଲି ଉକ୍ତ ନିର୍ଦ୍ଦେଶ ନାମାରେ ଦର୍ଶାଯାଇଛି। ପୂର୍ବରୁ ତ୍ରିପାଠୀ ଦୁଇଥର ନିଲମ୍ବନ ହୋଇଥିଲେ। ଏଥିସହ ଜିଲା ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ତାଙ୍କ ବିରୋଧରେ ୪ଥର ଶୃଙ୍ଖଳାଗତ ଡ୍ରାଫ୍ ଚାର୍ଜ ହୋଇଥିଲା। ଏପରିକି ଏକ ମାମଲାରେ ସେ ଜେଲ ମଧ ଯାଇଥିଲେ। ପରେ ଅବସ୍ଥାପିତ ନୂତନ ସ୍ଥାନରେ ମଧ ସରକାରୀ ନିର୍ଦ୍ଦେଶନାମାକୁ ଅବମାନନା କରି କାର୍ଯ୍ୟ କ୍ଷେତ୍ରରେ ଅନୁପସ୍ଥିତ ରହୁଥିଲେ। ନିଲମ୍ବନ ସମୟରେ ଅନୁପସ୍ଥିତ ରହୁଥିବାରୁ ନୋ ୱାର୍କ, ନୋ ପେ ମଧ ତାଙ୍କ ଉପରେ ଲାଗୁ ହୋଇଛି। ଏକ ମାମଲାରେ ସେ ଦୋଷୀସାବ୍ୟସ୍ତ ମଧ ହୋଇଥିଲେ।

# ଗାଲେରି କାଳୀ ମନ୍ଦିରରୁ ମୂର୍ତ୍ତି ଚୋରି ଉଦ୍ୟମ

ଭଞ୍ଜନଗର,୬।୩(ଡି.ଏନ.ଏ.)

ଗାଲେରି କାଳି ମନ୍ଦିରରୁ ଶୁକ୍ରବାର ସକାଳେ ପାର୍ଶ୍ୱଦେବୀ ଶ୍ୟାମାକାଳୀ ମୂର୍ତ୍ତି ଚୋରି ଉଦ୍ୟମ କରି ମହିଳାଙ୍କ ସମେତ ୪ ଜଣ ଧରାପଡ଼ିଛନ୍ତି। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ପୋଲିସ ପହଞ୍ଚି ଅଭିଯୁକ୍ତମାନଙ୍କୁ ଗିରଫ କରିଛି । ଏ ନେଇ ତାରସିଂ ଥାନାରେ ନଂ.୪୪/୨୦ରେ ଏକ ମାମଲା ହୋଇଛି। ସମସ୍ତ ଅଭିଯୁକ୍ତଙ୍କୁ ସନ୍ଧ୍ୟାରେ ଭଞ୍ଜନଗର କୋର୍ଟ ଚାଲାଣ କରାଯାଇଛି।

ଗାଲେରିରେ ପୂଜା ପାଉଥିବା ମା' କାଳୀ ପ୍ରତ୍ୟକ୍ଷ ଦେବୀ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ଶୁକ୍ରବାର ସକାଳ ପ୍ରାୟ ସାଢ଼େ ୯ଟାରେ ବ୍ରହ୍ମପୁରର ଜଣେ ମହିଳାଙ୍କ ସମେତ ୪ ଜଣ ଗାଲେରି ଆସି ମା'ଙ୍କ ପୂଜାର୍ଚ୍ଚନା କରୁଥିଲେ। ସେମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ପାର୍ଶ୍ୱଦେବୀ ଶ୍ୟାମାକାଳୀଙ୍କ ମୂର୍ତ୍ତି ଏକ ବ୍ୟାଗରେ ଭର୍ତ୍ତି କରିଦେଇଥିଲେ। କିଛି ସମୟ ପରେ ମନ୍ଦିର ପୂଜକ ସେଠାକୁ ଆସି ବ୍ୟାଗରେ ମୂର୍ତ୍ତି ଲୁଚାଯାଇଥିବା ଦେଖିଥିଲେ। ତେବେ ମନ୍ଦିରକୁ ଆସିଥିବା ୪ ଜଣଙ୍କ ମଧ୍ୟରୁ ମହିଳା ଓ ଅନ୍ୟ ୨ ଜଣ ମୂର୍ତ୍ତି ଚୋରି ସମ୍ପର୍କରେ ଜାଣି ନ ଥିବା କହିଛନ୍ତି । ୪ର୍ଥ ବ୍ୟକ୍ତି ଜଣଙ୍କ କାହିଁକି ବ୍ୟାଗରେ ମୂର୍ତ୍ତି ରଖିଲେ ସେମାନେ ତାହା ଜାଣି ନ ଥିବା କହିଛନ୍ତି। ଅନ୍ୟପକ୍ଷରେ ମୂର୍ତ୍ତିକୁ ବ୍ରହ୍ମପୁରକୁ ନେଇ ପୂଜା କରିବା ପାଇଁ ବ୍ୟାଗରେ ଲୁଚାଇଥିଲେ ବୋଲି ମୁଖ୍ୟ ଅଭିଯୁକ୍ତ କହିଛନ୍ତି। ସେ ଜଣେ ତାନ୍ତ୍ରିକ ହୋଇଥିବା ଗ୍ରାମବାସୀ ସନ୍ଦେହ କରୁଛନ୍ତି ।


ମୂର୍ତ୍ତି ସହ ଗିରଫ ଅଭିଯୁକ୍ତ।

## ମହିଳାଙ୍କ ସମେତ ୪ ଗିରଫ, ଉତ୍ତେଜନା

# ୧୨ରୁ ଗାୟତ୍ରୀ ମହାଯଜ୍ଞ

ଫିରିଙ୍ଗିଆ, ୬।୩

ଫିରିଙ୍ଗିଆ ଗାୟତ୍ରୀ ଶକ୍ତି ପୀଠରେ ଆସନ୍ତା ୧୨ରୁ ୧୫ ତାରିଖ ପର୍ଯ୍ୟନ୍ତ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହେବ । ୨୪ କୁଣ୍ଡୀୟ ଏହି ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞ ପାଇଁ ଶୁଭଖୁଣ୍ଟି ସ୍ଥାପନ ସହ ପ୍ରସ୍ତୁତି ବୈଠକ ହୋଇଯାଇଛି। ଫିରିଙ୍ଗିଆ ଗାୟତ୍ରୀ ପରିବାରର ମୁଖ୍ୟ ଚନ୍ଦ୍ର ମୋହନ ନାଏକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ପରିବହନ ଓ ଯୋଜନା ସମନ୍ୱୟ ମନ୍ତ୍ରୀ ପଦ୍ମନାଭ ବେହେରା ଓ ପୂର୍ବତନ ମହିଳା ଓ ଶିଶୁବିକାଶ ମନ୍ତ୍ରୀ ବିଷ୍ଣୁପ୍ରିୟା ବେହେରା ଅତିଥି ଭାବେ ଯୋଗଦେଇ ଥିଲେ। ଫିରିଙ୍ଗିଆ ଗାୟତ୍ରୀ ପରିବାର ସଭାପତି ଭୀମସେନ କହଁର, ସମ୍ପାଦକ ଦୁଃଶାସନ କହଁର, ଜିଲା ସଭାପତି ଅନନ୍ତ ପୃଷ୍ଟି, ବ୍ରହ୍ମପୁର ଓ ଫୁଲବାଣୀ ଶାଖା ସଭାପତି ଶ୍ରୀରାମ ସେନାପତି, କାର୍ଯ୍ୟକାରୀଣି ତଦାରଖ କମିଟି ସଭାପତି କବିରାଜ କହଁର ପ୍ରମୁଖ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।

# ମୁଣ୍ଡବିହୀନ ମୃତଦେହ ଉଦ୍ଧାର

ବାଲିଗୁଡ଼ା/କ.ନୂଆଗାଁ, ୬।୩.(ଡି.ଏନ୍.ଏ.)

- ୯ଦିନ ହେଲା ନିଖୋଜ ଥିଲେ
- ପୂର୍ବ ଶତ୍ରୁତାରୁ ହତ୍ୟା ସନ୍ଦେହ

କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଖଡ଼୍ଗ ନଦୀ ସେତୁ ନିକଟ ଗାଡ଼ିଆରୁ ଶୁକ୍ରବାର ଏକ ମୁଣ୍ଡବିହୀନ ମୃତଦେହ ଉଦ୍ଧାର କରିଛି ପୋଲିସ। ଏହା କ.ନୂଆଗାଁ ଥାନା ସାଇନପଡ଼ା ପଞ୍ଚାୟତ କିଲୁପଡ଼ା ଗ୍ରାମର ଯୁଧିଷ୍ଠିର ମଲ୍ଲିକଙ୍କର ବୋଲି ଜଣାପଡ଼ିଛି। ସେ ଗତମାସ ୨୭ରୁ ନିଖୋଜ ଥିଲେ। ପୂର୍ବ ଶତ୍ରୁତାରୁ ତାଙ୍କୁ ହତ୍ୟା କରାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଯୁଧିଷ୍ଠିରଙ୍କ ସ୍ତ୍ରୀଙ୍କ ଏତଲାକ୍ରମେ ନଂ.୪୦/୨୦ରେ ହତ୍ୟା ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଛି।

ପ୍ରକାଶ ଯେ, ଅଞ୍ଚଳର କେତେଜଣ ଲୋକ ଶୁକ୍ରବାର ସକାଳୁ ଶୌଚ ହେବାକୁ ଉକ୍ତ ଗାଡିଆ ନିକଟକୁ ଯାଇଥିଲେ। ସେଠାରେ ଅଖାରେ ପଶି ଏକ ମୃତଦେହ ଭାସୁଥିବାବେଳେ ଗୋଡ ବାହାରକୁ ବାହାରିଥିବା ଦେଖିଥିଲେ। ଗ୍ରାମରେ ଖବର ପହଞ୍ଚିବା ପରେ ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଜମିଥିଲା। ବାଲିଗୁଡ଼ା ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ଓ ଥାନା ଅଧିକାରୀ ପ୍ରଶାନ୍ତ କୁମାର ବେହେରା ପୋଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚିବା ପରେ ଗାଡ଼ିଆରୁ ମୃତଦେହ ବାହାରକୁ ଅଣାଯାଇଥିଲା। ଅଖା କାଟି ମୃତଦେହଟିକୁ ବାହାର କରିବା ପରେ ଏହାର ମୁଣ୍ଡ ନ ଥିବା ଜଣାପଡିଥିଲା। ଏଥିସହ ହାତଗୋଡ଼ ବନ୍ଧାଯିବା ସହ ଏକ ପଥର ମଧ ବନ୍ଧା ଯାଇଥିଲା। ପୋଲିସ ତଦନ୍ତ କରୁଥିବାବେଳେ ଯୁଧିଷ୍ଠିରଙ୍କ ସ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତଦେହରେ ଥିବା ଡ୍ରେସ୍ ଦେଖି ସେ ତାଙ୍କ ସ୍ୱାମୀ ଯୁଧିଷ୍ଠିର ବୋଲି ପୋଲିସକୁ କହିଥିଲେ। ପୂର୍ବ ଶତ୍ରୁତାରୁ କେହି ଯୁଧିଷ୍ଠିରଙ୍କୁ ହତ୍ୟା କରିଛି। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ବାଲିଗୁଡ଼ା ଏସ୍‌ଡିପିଓ ବାରିକ ସୂଚନା ଦେଇଛନ୍ତି।

ସୂଚନାଥାଉକି, ଗତ ୨୭ରୁ ଯୁଧିଷ୍ଠିର ନିଖୋଜ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି ପରେ ତାଙ୍କର କୌଣସି ଖୋଜଖବର ନ ମିଳିବାରୁ ମାର୍ଚ୍ଚ ୩ରେ କ.ନୂଆଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ଗୁଳିମାଡ଼ରୁ ବର୍ତ୍ତିଲେ ଇଟାଭାଟି ସୁପରଭାଇଜର

ଦିଗପହଣ୍ଡି,୬।୩(ଡି.ଏନ.ଏ.)

## ଥାନାରେ ଏତଲା, ଖୋକା ଜବତ

ଦିଗପହଣ୍ଡି ଥାନା ଅଧୀନ ମହୁଡ଼ା ଗ୍ରାମ ନିକଟରେ ଜଣେ ଇଟାଭାଟି ସୁପରଭାଇଜରଙ୍କୁ ଦୁର୍ବୃତ୍ତମାନେ ଗୁଳି କରି ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ବ୍ରହ୍ମପୁର ଟାଉନ ଥାନା ବିଜିପୁର ଲକ୍ଷ୍ମୀ ସାହିର ଇଟାଭାଟି ସୁପରଭାଇଜର ସାଗର ପାତ୍ରଙ୍କ ଏତଲା କ୍ରମେ ଶୁକ୍ରବାର ଦିଗପହଣ୍ଡି ଆଇଆଇସି ବସନ୍ତ କୁମାର ସେଠୀ ନଂ.୪୫/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି। ପୋଲିସ ଘଟଣାସ୍ଥଳରୁ ଖୋକା ଜବତ କରିଛି।

ପ୍ରକାଶ ଯେ, ଗତ ଗୁରୁବାର ସାଗର ସନ୍ତୋଷ ବେହେରାଙ୍କ ଇଟାଭାଟିରେ କାମ କରୁଥିବାବେଳେ ୨ ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ସାଗର କିଏ ବୋଲି ପଚାରିଥିଲେ। ସେଠାରେ ଉପସ୍ଥିତ ଥିବା ସାଗର ନିଜର ପରିଚୟ ଦେବା ପରେ ସେମାନେ ଇଟା କିଣିବେ ବୋଲି କହିଥିଲେ। ଭାଟିରେ ଇଟା ଷ୍ଟକ ନ ଥିବାରୁ ନୂଆଇଟା ବାହାରିଲେ ବିକ୍ରି କରାଯିବ ବୋଲି ସାଗର କହିଥିଲେ। ଯୁବକ ଦ୍ୱୟ ସେଠାରୁ ଫେରି ଯାଇଥିଲେ। ପ୍ରାୟ ୫ ମିନିଟ ପରେ ପୁଣି ସେମାନେ ଆସି ଇଟାଭାଟି କର୍ମଚାରୀଙ୍କ ଦ୍ୱାରା ସାଗରଙ୍କୁ ଡକାଇଥିଲେ। ସାଗର ପହଞ୍ଚିବାପରେ ଜଣେ ଯୁବକ ତାଙ୍କୁ ଫୋନ ଦେଇ ଦାଦାଙ୍କ ସଙ୍ଗେ କଥା ହେବାକୁ ବାଧ କରିଥିଲେ। ସାଗର ମନା କରି ଇଟାଭାଟି ଅଫିସକୁ ଯିବା ସମୟରେ ଜଣେ ଦୁର୍ବୃତ୍ତ ତାଙ୍କ ଉପରକୁ ଗୁଳି ମାଡକରି ଚମ୍ପଟ ମାରିଥିଲେ। ସାଗର ଅଳ୍ପକେ ବର୍ତ୍ତିଯାଇଥିବା ଏତଲାରେ ଉଲ୍ଲେଖ ରହିଛି। ପୂର୍ବରୁ ଜଣେ ପେଶାଦାର ଅପରାଧୀ ଓ ତାଙ୍କ ଭାଇ ସହ ସାଗରର ଶତ୍ରୁତା ଥିଲା। ସେମାନଙ୍କ ମଧ୍ୟରୁ ଜଣେ ବର୍ତ୍ତମାନ ବ୍ରହ୍ମପୁର ଜେଲରେ ବିଚାରାଧୀନ ବନ୍ଦୀ ଥିବା ନେଇ ପୋଲିସକୁ ସୂଚନା ମିଳିଛି। ଦାଦା ବଟିକୁ କେନ୍ଦ୍ରକରି ସାଗରଙ୍କୁ ହତ୍ୟା ଉଦ୍ୟମ କରାଯାଇପାରେ ବୋଲି ପୋଲିସ ସନ୍ଦେହ କରୁଛି। ଅନ୍ୟପକ୍ଷରେ କିଛି ଯୁବକ ପୂର୍ବରୁ ଧାର ସୂତ୍ରରେ ତାଙ୍କୁ ଇଟା ମାଗିଥିଲେ। ଷ୍ଟକ ନାହିଁ, ଭାଟିରୁ ନୂଆଇଟା ବାହାରିଲେ ସେ ଦେଖିବା କହିଥିଲେ। ଏନେଇ ଆକ୍ରମଣ ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ବୋଲି ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଥିବା ଆଇଆଇସି କହିଛନ୍ତି।

# ୫ ନାମାଙ୍କନପତ୍ର ଦାଖଲ

ଛତ୍ରପୁର,୬।୩(ଡି.ଏନ.ଏ)

## ଛତ୍ରପୁର ଓକିଲ ସଂଘ ନିର୍ବାଚନ

ଛତ୍ରପୁର ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ପାଇଁ ଶୁକ୍ରବାର ନାମାଙ୍କନପତ୍ର ଦାଖଲ ଶେଷ ହୋଇଛି । ଦ୍ୱିତୀୟ ଦିବସରେ ସଭାପତି ପଦବୀ ପାଇଁ ରାମ ଚନ୍ଦ୍ର ବେହେରା ଓ ବ୍ରଜମୋହନ ଆଚାର୍ଯ୍ୟ, ଉପସଭାପତି ପଦବୀ ପାଇଁ ସନ୍ତୋଷ କୁମାର ପଶୁପାଳକ ଓ ଡମିନାଥ ସାହୁ ଏବଂ ଲାଇବ୍ରେରି ସେମିନାର ସମ୍ପାଦକ ପଦବୀ ପାଇଁ ଜିତୁନ୍ କୁମାର ପାଢୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଗୁରୁବାର ବିଭିନ୍ନ ପଦବୀ ପାଇଁ ୬ ଜଣ ନାମାଙ୍କନପତ୍ର ଦାଖଲ କରିଥିଲେ। ସମସ୍ତ ପଦବୀ ପାଇଁ ମୋଟ ୧୧ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଶନିବାର ନାମାଙ୍କନପତ୍ର ଯାଞ୍ଚ ଏବଂ ୧୨ରେ ପ୍ରାର୍ଥୀଙ୍କ ନାମ ପ୍ରକାଶ ପାଇବ । ୧୩ରେ ନାମାଙ୍କନପତ୍ର ପ୍ରତ୍ୟାହାର ଓ ପରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ । ନିର୍ବାଚନ ଅଧିକାରୀ ଭାବେ ସୂର୍ଯ୍ୟ ନାରାୟଣ ରେଡ୍ଡୀ, ଅତିରିକ୍ତ ନିର୍ବାଚନ ଅଧିକାରୀ ସନ୍ତୋଷ କୁମାର ସାହୁ ଓ ସଞ୍ଜୟ କୁମାର ବେହେରା ରହିଛନ୍ତି।

**UTKAL UNIVERSITY**
VANI VIHAR, BHUBANESWAR - 751004, ODISHA, INDIA
NAAC ACCREDITED A+
**ADVERTISEMENT**
No Estt-II / HC-1183 / 9600 / 2020 Dated: 14.2.2020
Applications along with Curriculum Vitae are invited for engagement of two Retired Doctors purely on contractual basis with consolidated remuneration of ₹ 55,000/- (Rupees fifty five thousand) only per month to work in the University Health Centre.
AGE LIMIT: Below 70 years.
The date of personal interview shall be intimated later on.
Sd/-
REGISTRAR

# ପ୍ରାର୍ଥିପତ୍ର ଦାଖଲ ସରିଲା

ଭଞ୍ଜନଗର,୬।୩(ଡି.ଏନ.ଏ.)

## ଭଞ୍ଜନଗର ଓକିଲ ସଂଘ ନିର୍ବାଚନ

ଭଞ୍ଜନଗର ବାର୍ ଆସୋସିଏଶନ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଶୁକ୍ରବାର ସରିଛି। ଆସନ୍ତା ୧୩ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ଓ ୨୮ରେ ନିର୍ବାଚନ ହେବ। ସଭାପତି ପଦବୀ ପାଇଁ ସନ୍ତୋଷ ନାୟକ, ସନ୍ତୋଷ ତିଆଡ଼ି, ଅମରେଶ ମହାପାତ୍ର, ବଟକୃଷ୍ଣ ପଣ୍ଡା, ଦଣ୍ଡପାଣି ସ୍ୱାଇଁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଉପସଭାପତି ପଦ ପାଇଁ ଅଳକା ମଞ୍ଜରୀ ପଟ୍ଟନାୟକ, ରଜତ ଦାସ, ମଣି ଦୀକ୍ଷିତ, ବଳରାମ ମହାପାତ୍ର, ବଂଶୀଧର ପ୍ରଧାନ, ସମ୍ପାଦକ ପଦ ପାଇଁ ବସନ୍ତ ଦାସ, ଗଗନ ବିହାରୀ ବିଦ୍ଧାଣିରା, ଖରାଂଶୁ ଶେଖର ଦାସ, ଅକ୍ଷୟ ସାହୁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ସହ ସମ୍ପାଦକ ପଦ ପାଇଁ ଜନାର୍ଦ୍ଦନ ପ୍ରଧାନ, ଚନ୍ଦ୍ରମଣି ମହାପାତ୍ର, ଆଶିଷ ଗୌଡ଼, ଦିଲୀପ ତ୍ରିପାଠୀ, କୋଷାଧ୍ୟକ୍ଷ ପଦ ପାଇଁ ରବୀନ୍ଦ୍ର ନାଥ ବେହେରା ଓ ୩ଟି କାର୍ଯ୍ୟକାରୀ କମିଟି ପଦବୀ ପାଇଁ ସନ୍ତୋଷ ତିଆଡ଼ି, ସୁଧୀରକାନ୍ତ ଦାସ, ପ୍ରମୋଦ ମହାପାତ୍ର ଓ ଅଭାଙ୍ଗିନି ବିଷୋୟୀ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ନିର୍ବାଚନକୁ ରମେଶ ଚନ୍ଦ୍ର ପଣ୍ଡା, ଲଡ୍ଡୁ କିଶୋର ଆଳତିଆ, ତ୍ରିନାଥ ମଳିକ ପରିଚାଳନା କରୁଛନ୍ତି।

# ଆଖୁ, ପରିବା ଫସଲ ନଷ୍ଟ କଲେ ହାତୀପଲ

ପାଟପୁର,୬।୩

ସାନଖେମୁଣ୍ଡି ଅଞ୍ଚଳରେ ପୁଣି ଗୁରୁବାର ରାତିରେ ରତନେଇ ଉତ୍ତମା ଦେଇ ୧୨ ଟିକିଆ ହାତୀପଲ ଯିଉରା ହେତାପଦର ଚାଷଜମି ସମେତ ଆଖପାଖ ଅଞ୍ଚଳରେ ବ୍ୟାପକ ଫସଲ ନଷ୍ଟ କରିଛନ୍ତି। ପରିବା ଚାଷ ପାଇଁ ପରିଚିତ ଯିଉରା ଅଞ୍ଚଳର ଅମଳ ହେବାକୁ ଥିବା ଆଖୁ, ବନ୍ଧାକୋବି, ଫୁଲକୋବି, ବିଟ୍, ବାଇଗଣ ଆଦି ଫସଲକୁ ଦଳିଦେଇଥିବା ଚାଷୀମାନେ କହିଛନ୍ତି। ଗ୍ରାମର ରମେଶ ସାହୁ, ସୁରେନ୍ଦ୍ର ସାହୁ, ଉପେନ୍ଦ୍ର ସାହୁଙ୍କ ବ୍ୟାପକ ଫସଲକୁ ହାତୀ ନଷ୍ଟ କରିଛନ୍ତି। ଧାରାବାହିକ ଭାବରେ ହାତୀପଲ ଫସଲ ନଷ୍ଟ କରୁଥିବାରୁ ଚାଷୀମାନେ ଭୟଭୀତ ଅବସ୍ଥାରେ ଅଛନ୍ତି। ହାତୀ ନାଁ ରେ କେବଳ ବିଦ୍ୟୁତ୍ ବିଚ୍ଛିନ୍ନ ବ୍ୟବସ୍ଥା କରି ହାତଖାଡି ବସୁଥିବା ବନବିଭାଗକୁ ଫସଲହାନୀର ସ୍ଥାୟୀ ନିରାକରଣ ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ ପାଇଁ ଦାବି ହେଉଛି। ବର୍ତ୍ତମାନ ୧୨ ହାତୀ ପଲ ନରସିଂହଗଡ ଜଙ୍ଗଲରେ ଥିବା ରେଞ୍ଜର କହିଛନ୍ତି। ଏନେଇ ଦିଗପହଣ୍ଡି ରେଞ୍ଜର ପ୍ରୋମଦ କୁମାର ଖଡଗରାୟ କହିଛନ୍ତି ଆମେ ହାତୀ ଘଉଡ଼ାଇବା ପାଇଁ ଚେଷ୍ଟା କରୁଛୁ। ଯେଉଁ ଚାଷୀ ତଥା ସାଧାରଣ ଲୋକଙ୍କ କ୍ଷୟକ୍ଷତି ହୋଇଛି ସେମାନେ ବନବିଭାଗ ନିକଟରେ ଆବେଦନ କଲେ କ୍ଷତି ପୂରଣ ପ୍ରଦାନ କରାଯିବ।

# ଜିଲାସ୍ତରୀୟ ଯୁବ କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ

**ପୋଲସରା,୬।୩(ଡି.ଏନ.ଏ.)**–ପୋଲସରା ଏନ୍‌ଏସି ଲୁଣିଘାଟିସ୍ଥିତ ପଡ଼ିଆଠାରେ ନେହ୍ରୁ ଯୁବକେନ୍ଦ୍ର ଗଞ୍ଜାମ ତରଫରୁ ଜିଲାସ୍ତରୀୟ କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ପୋଲସରା ବିଜ୍ଞାନ ମହାବିଦ୍ୟାଳୟର କ୍ରୀଡ଼ା ଅଧ୍ୟାପକ ପ୍ରସନ୍ନ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଉକ୍ତ ମହୋତ୍ସବରେ ଜିଲାର ବିଭିନ୍ନ ବ୍ଲକରୁ ବହୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ମହିଳା ପ୍ରତିଯୋଗୀମାନେ ଅଂଶଗ୍ରହଣ କରି ନିଜର ଦକ୍ଷତା ଦେଖାଇଥିଲେ। ମଥୁରା ଉଚ୍ଚ ବିଦ୍ୟାଳୟର ପି.ପରମେଶ୍ୱର, ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ଜ୍ଞାନ ରଞ୍ଜନ ଜାଲି, କଣଛାଇ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ କବିରାଜ ସାହୁ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଜିଲାସ୍ତରୀୟ ପ୍ରତିଯୋଗିତାରେ କବାଡ଼ି, ଖୋ–ଖୋ, ଦୌଡ଼ ଆଦି ରହିଥିଲା। ପୋଲସରା ବ୍ଲକ ସଂଯୋଜକ ସାନ୍ତନୁ ମିଶ୍ର ଓ ପ୍ରମୋଦ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଯୁବତୀ।

# ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ

ଭଞ୍ଜନଗର,୬।୩(ଡି.ଏନ.ଏ)

ଭଞ୍ଜନଗର ବ୍ଲକ ମୁଜାଗଡ଼ ହାଇସ୍କୁଲର ପୂର୍ବତନ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରଞ୍ଜନ ସାହୁ (୬୭)ଙ୍କ ଶୁକ୍ରବାର ସକାଳେ ମୁଜାଗଡ଼ସ୍ଥିତ ବାସଭବନରେ ପରଲୋକ ଘଟିଛି। ତାଙ୍କ ମୃତଦେହକୁ ଶୋଭାଯାତ୍ରାରେ ଗ୍ରାମ ଓ ବିଦ୍ୟାଳୟ ପରିକ୍ରମା କରାଯିବା ପରେ ଗାଁ ଶ୍ମଶାନରେ ଅନ୍ତିମ ସତ୍କାର କରାଯାଇଛି।



## ସଂକ୍ଷେପରେ

### ବର୍ଷାରେ ଧୋଇଗଲା ଅସ୍ଥାୟୀ କଲଭର୍ଟ



**ଭଞ୍ଜନଗର,୬।୩(ଡି.ଏନ୍.ଏ.):** ଭଞ୍ଜନଗର ଅଞ୍ଚଳରେ ଗତ ଦୁଇଦିନ ହେଲା ଜାରି ରହିଥିବା ବର୍ଷା ପ୍ରଭାବରେ ଶୋରିଷମୂଳିଠାରେ ବଡ଼ନଦୀ ଉପରେ ହୋଇଥିବା ଅସ୍ଥାୟୀ କଲଭର୍ଟ ଶୁକ୍ରବାର ଭାସିଯାଇଛି। ଫଳରେ ଭଞ୍ଜନଗର ଭାୟା କୁଲାଡ଼ ଗାଲେରୀ ରାସ୍ତାରେ ଭାରିଯାନ ଚଳାଚଳ ବନ୍ଦ ଅଛି। ଶୋରିଷମୂଳି ଠାରେ ଏକ ହାଇଲେବଲ ସେତୁ ନିର୍ମାଣ ହେଉଛି। ସେତୁ କାମ ସରି ଆପ୍ରୋଚ ରୋଡ଼ କାମ ଚାଲିଛି। ତେଣୁ ଏହି ଅସ୍ଥାୟୀ କଲଭର୍ଟ ନିର୍ମାଣ ହୋଇଥିଲା। ବର୍ଷାରେ ତାହା ଭାସିଯାଇଛି। ବର୍ତ୍ତମାନ ଉକ୍ତ ରାସ୍ତାରେ କେବଳ ବାଇକ୍, ସାଇକେଲ, ୪ ଚକିଆ ଯାନ ଚଳାଚଳ କରୁଛି। ଶନିବାର ସନ୍ଧ୍ୟା ସୁଦ୍ଧା ଗମନାଗମନ ସ୍ୱାଭାବିକ ହୋଇଯିବ ବୋଲି ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ରମେଶ ପ୍ରସାଦ ସ୍ୱାଇଁ ସୂଚନା ଦେଇଛନ୍ତି।

### ଗିରଫ ଅଧୀକ୍ଷଣ ଯନ୍ତ୍ରୀଙ୍କ ସମ୍ପତ୍ତି ତାଲିକା ବଢ଼ିଲା

**ବ୍ରହ୍ମପୁର ଅଫିସ,୬।୩:** ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ ହୋଇ ଜେଲ ଯାଇଥିବା ବ୍ରହ୍ମପୁର ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ (ଦକ୍ଷିଣାଞ୍ଚଳ ମଣ୍ଡଳ) ବିନୋଦ ଚନ୍ଦ୍ର ପାଢ଼ୀଙ୍କ ସମ୍ପତ୍ତି ତାଲିକା କ୍ରମଶଃ ବଢ଼ିବାରେ ଲାଗିଛି। ଭିଜିଲାନ୍ସ ଟିମ ତାଙ୍କ ନାମରେ ଥିବା ଜମି ଓ ଜାଗାରେ ଚଢ଼ଉ ଜାରି ରଖିଛି। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ବିନୋଦଙ୍କ ନାମରେ ଥିବା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଅଲାରିଗଡ଼ ଗାଁରେ ଥିବା ୩ ଏକର ୯୪୭ ଡେସିମିଲ ଚାଷଜମିର ମୂଲ୍ୟ ୨ଲକ୍ଷ ୨୦ ହଜାର ଟଙ୍କା ଆକଳନ କରାଯାଇଛି। ସେହିପରି ଛତ୍ରପୁର ତହସିଲ ଅଧୀନସ୍ଥ ଅଭିମନ୍ୟୁପୁର ଗାଁରେ ୬୦୦ ଡେସିମିଲ ଚାଷଜମିର ମୂଲ୍ୟ ୮୫ ହଜାର ୧୪ ଟଙ୍କା, ଭଞ୍ଜନଗର ତହସିଲ ଅଧିନସ୍ଥ ରମ୍ଭାରେ ଥିବା ୨୬୪ ଡେସିମିଲ ଚାଷଜମିର ମୂଲ୍ୟ ୪୧ ହଜାର ଟଙ୍କା ଆକଳନ କରାଯାଇଛି। ଏହି ଚାଷଜମିଗୁଡିକ ୨୦୦୮ରେ ଅଧିକ୍ଷଣ ଯନ୍ତ୍ରୀ ତାଙ୍କ ନାମରେ କ୍ରୟ କରିଛନ୍ତି। ସେହିପରି ଗଞ୍ଜାମ ତ୍ରିବେଣୀ ମଠ ଛକରେ ବିନୋଦଙ୍କ ସ୍ତ୍ରୀ ପ୍ରଭାତ ପାଢ଼ୀଙ୍କ ନାମରେ ରହିଥିବା ମାର୍କେଟ କମ୍ପ୍ଲେକ୍ସର ମୂଲ୍ୟ ୫ ଲକ୍ଷ ଟଙ୍କା ଆକଳନ କରାଯାଇଛି। ବର୍ତ୍ତମାନ ସୁଦ୍ଧା ବିନୋଦଙ୍କ ଆୟ ବର୍ହିଭୁତ ସମ୍ପତ୍ତି ୩ କୋଟି ୯୫ ଲକ୍ଷ ୯୯ ହଜାର ୪୫୩ ଟଙ୍କା ବୋଲି ଭିଜିଲାନ୍ସ ଏସପି ମାୟାଧର ସ୍ୱାଇଁ ସୂଚନା ଦେଇଛନ୍ତି।

### ଭାଗବତ ଟୁଙ୍ଗି ପୁନରୁଦ୍ଧାର ନିମନ୍ତେ ଦାବିପତ୍ର

**ବ୍ରହ୍ମପୁର ଅଫିସ, ୬।୩:** ଗଞ୍ଜାମ ଜିଲା ଭାଗବତ ଟୁଙ୍ଗି ମହାସଂଘ ପକ୍ଷରୁ ଭାଗବତ ଟୁଙ୍ଗିର ପୁନରୁଦ୍ଧାର ଓ ସୁପରିଚାଳନା ପାଇଁ ଆବଶ୍ୟକ ଅନୁଦାନ ନିମନ୍ତେ ଦାବି ହୋଇଛି। ଝାଡ଼ାଙ୍କୁଲି ବିଜେସ୍ଥଳୀ ଭାଗବତ ଟୁଙ୍ଗିର କର୍ମକର୍ତ୍ତାମାନେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ସାକ୍ଷାତ କରି ଏ ନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ସଂଘ ଉପଦେଷ୍ଟା ସଞ୍ଜୀବ କୁମାର ପଟ୍ଟନାୟକ, ସଭାପତି ଜଗୁ ସାହୁ, କୋଷାଧକ୍ଷ କାର୍ତ୍ତିକ ସାହୁ, କାର୍ଯ୍ୟକାରୀ ସଦସ୍ୟ ଡ଼. ପ୍ରଦୀପ କୁମାର ଡ଼ାକୁଆ, ନିର୍ମଳ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ବେଆଇନ ଆଦାୟ ହେଉଛି ପାଣି ଟିକସ

- ବନ୍ଦ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କଂଗ୍ରେସର ଖୋଲାଚିଠି
- ପଦକ୍ଷେପ ନିଆଯିବ କହିଲେ ବିଧାୟକ

ବ୍ରହ୍ମପୁର ଅଫିସ,୬।୩

ରେଶମ ନଗରୀ ବ୍ରହ୍ମପୁରର ବିଭିନ୍ନ ଅଞ୍ଚଳରେ ଜନସ୍ୱାସ୍ଥ୍ୟ ବିଭାଗର ଶହ ଶହ ପବ୍ଲିକ ଷ୍ଟାଣ୍ଡପୋଷ୍ଟ ମାଧ୍ୟମରେ ପାଇପ ପାଣି ଯୋଗାଣ ହେଉଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ଖିଲାପ କରି ମହାନଗର ନିଗମ (ବିଏମସି) ପକ୍ଷରୁ ହୋଲ୍‌ଡିଂ ଟିକସ ସହ ଲୋକଙ୍କ ଠାରୁ ବେଆଇନ ଭାବେ ପାଣି ଟିକସ ଆଦାୟ କରାଯାଉଛି। ଗଞ୍ଜାମ ଜିଲା କଂଗ୍ରେସ ଏହି ଅଭିଯୋଗ କରିଛି। ଏହି ଟିକସ ବନ୍ଦ କରିବା ପାଇଁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ଜିଲା କଂଗ୍ରେସ ପକ୍ଷରୁ ପଠାଯାଇଥିବା ଖୋଲା ଚିଠିରେ ଦର୍ଶାଯାଇଛି। କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା ଆହୁରି କହିଛନ୍ତି, ନଗର ଉନ୍ନୟନ ବିଭାଗର ୨୦୧୮ ମେ ୨୮ ତାରିଖରେ ଜାରି ବିଜ୍ଞପ୍ତିରେ ପବ୍ଲିକ ଷ୍ଟାଣ୍ଡପୋଷ୍ଟ ଯୋଗେ ଯୋଗାଇ ଦିଆଯାଉଥିବା ପାଇପ ଜଳକର ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇଛି ଏବଂ ଘର ମାଲିକଙ୍କ ଠାରୁ ପୌର ସଂସ୍ଥା ପାଣି ଟିକସ ଆଦାୟ ନ କରିବା ପାଇଁ ସେଥିରେ ଦର୍ଶାଯାଇଛି। ତଥାପି ବିଏମସି ୨୦୧୮-୧୯ ଓ ୨୦୧୯-୨୦ ବର୍ଷରେ ପାଣି ଟିକସ ଆଦାୟ କରୁଛି।

ସୂଚନାଯୋଗ୍ୟ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ୨୦୧୯ ଜୁଲାଇ ୨୩ରେ ବିଧାନସଭାରେ ଏ ସମ୍ପର୍କିତ ପ୍ରଶ୍ନ କରିଥିଲେ। ନଗର ଉନ୍ନୟନ ମନ୍ତ୍ରୀ ଉତ୍ତରରେ କହିଥିଲେ ପୌରସଂସ୍ଥାଗୁଡ଼ିକୁ ସହରାଞ୍ଚଳ ଲୋକଙ୍କ ଠାରୁ ଷ୍ଟାଣ୍ଡପୋଷ୍ଟ ପାଇପ ଜଳ ଟିକସ ଆଦାୟ ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ହୋଲ୍‌ଡିଂ ଟିକସ ଆଦାୟ ରସିଦରୁ ଏହାକୁ ବାଦ ଦେବାର ବ୍ୟବସ୍ଥା କରାଯାଇଛି। ବିଧାନସଭା ଗୃହରେ ବିଭାଗୀୟ ମନ୍ତ୍ରୀଙ୍କ ସୂଚନା ସତ୍ତ୍ୱେ ବ୍ରହ୍ମପୁର ମହାନଗର ନିଗମ କାହିଁକି ପାଣିକର ନେଉଛି ସେନେଇ ଜିଲା କଂଗ୍ରେସ ପ୍ରଶ୍ନ କରିଛି। ଟିକସ ଆଦାୟ ବନ୍ଦ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବାକୁ ଚିଠିରେ ଦର୍ଶାଯାଇଛି। ନଚେତ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସ୍ପଷ୍ଟ କରି ଦିଆଯାଇଛି।

ଶୁକ୍ରବାର ଯୋଗାଯୋଗ ବେଳେ ବିଧାୟକ ପଣ୍ଡା କହିଛନ୍ତି, ହୋଲ୍‌ଡିଂ ଟିକସ ସହ ପାଇପ ପାଣି ଟିକସ ଉଚ୍ଛେଦ ପାଇଁ ବିଏମସି କର୍ତ୍ତୃପକ୍ଷଙ୍କୁ କୁହାଯାଇଥିଲା। ଏଯାବତ କାହିଁକି କାର୍ଯ୍ୟକାରୀ ହୋଇନି ସେନେଇ ପଦକ୍ଷେପ ନିଆଯିବ ବୋଲି ବିଧାୟକ ସୂଚାଇଛନ୍ତି। ଅପରପକ୍ଷରେ ବିଏମସିର ସମ୍ପୃକ୍ତ ବିଭାଗ ସୂତ୍ରରୁ ମିଳିଛି ଯେ, ଯଦି ସରକାର ପାଣି ଟିକସ ଆଦାୟ ନ କରିବାକୁ ନିର୍ଦ୍ଦେଶ ଦେଇଥିବେ ତେବେ ପଦକ୍ଷେପ ନିଆଯିବ। ଅନ୍ୟପକ୍ଷରେ ୨୦୨୦-୨୧ ଆର୍ଥିକ ବର୍ଷରୁ ବର୍ଦ୍ଧିତ ହୋଲଡିଂ ଟିକସ ଆଦାୟ କରାଯିବା ବିଏମସି ପକ୍ଷରୁ ବ୍ୟବସ୍ଥା ହୋଇଛି। ସେଥିରୁ ପାଣି ଟିକସ ବାଦ ଦିଆଯିବ କି ନାହିଁ ତାହା ଆସନ୍ତା ମାସରୁ ଆରମ୍ଭ ହେବାକୁ ଥିବା ଆର୍ଥିକ ବର୍ଷରୁ ସ୍ପଷ୍ଟ ହେବ।

## ଦିଲ୍ଲୀ ହିଂସାରେ ମୃତକଙ୍କୁ ଏସ୍‌ଡିଆର୍‌ଏସ୍‌ର ଶ୍ରଦ୍ଧାଞ୍ଜଳି




ଖଲ୍ଲିକୋଟ କଲେଜ ସମ୍ମୁଖରେ ଆୟୋଜିତ ସଭା।

ବ୍ରହ୍ମପୁର ଅଫିସ,୬।୩

ଦିଲ୍ଲୀରେ ସିଏଏ, ଏନ୍‌ଆର୍‌ସି ଓ ଏନ୍‌ପିଆର୍‌କୁ ନେଇ ହୋଇଥିବା ଦଙ୍ଗାରେ ମୃତକମାନଙ୍କୁ ଷ୍ଟୁଡେଣ୍ଟସ୍ ଫର ଡେମୋକ୍ରେଟିକ୍ ରାଇଟସ୍ ଆଣ୍ଡ ସେକ୍ୟୁଲାରିଜମ (ଏସ୍‌ଡିଆର୍‌ଏସ୍) ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଶୁକ୍ରବାର ଖଲ୍ଲିକୋଟ କଲେଜ ସମ୍ମୁଖରେ ସଙ୍ଗଠନ ପକ୍ଷରୁ ଏକ ସ୍ମୃତିସଭା ଆୟୋଜିତ ହୋଇଥିଲା। ସେଠାରେ ନିର୍ମିତ ଅସ୍ଥାୟୀ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ କରାଯାଇଥିଲା। ସିଏଏ, ଏନ୍‌ଆରସି, ଏନପିଆର୍ ଭଳି ସାମ୍ପ୍ରଦାୟିକ ଓ ବିଭେଦକାରୀ ନୀତି ବିରୋଧରେ ଦେଶର ସବୁସ୍ତରର ବ୍ୟକ୍ତି ରାଜରାସ୍ତାକୁ ଓହ୍ଲାଉଛନ୍ତି। ସେମାନଙ୍କ ଆନ୍ଦୋଳନକୁ ଭଣ୍ଡୁର କରିବାକୁ ଦିଲ୍ଲୀରେ ସାଧାରଣ ନାଗରିକଙ୍କ ଉପରେ ଆକ୍ରମଣ କରାଯାଇଥିବା ଦର୍ଶାଇ ଏହି ଘଟଣାକୁ ସଙ୍ଗଠନ ଦୃଢ଼ ନିନ୍ଦା କରିଛି। ବର୍ତ୍ତମାନ ଦେଶରେ ଆର୍ଥିକ ମାନ୍ଦାବସ୍ଥା, ବେକାରୀ ବଢ଼ି ଚାଲିଛି। ଏସବୁ ସମସ୍ୟାର ସମାଧାନ ଦିଗରେ ସରକାର ବିଫଳ ହୋଇଛନ୍ତି। ଏଥିରୁ ଦେଶବାସୀଙ୍କ ଦୃଷ୍ଟି ହଟାଇବା ପାଇଁ ଦଙ୍ଗା ଭଳି ପରିସ୍ଥିତି ସୃଷ୍ଟି କରାଯାଇଛି ବୋଲି ସଂଗଠନ ଅଭିଯୋଗ କରିଛି। ସଭାରେ ଏସ୍‌ଡିଆର୍‌ଏସର ସୋମନାଥ ବେହେରା, ଶୁଭାସ୍ମିତା ପାଣିଗ୍ରାହୀ, ଶିବାନୀ ଶଙ୍କର ମିଶ୍ର, କିଷାନ ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ବିଭିନ୍ନ କଲେଜ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

## ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଜିତିଲା ଇଚ୍ଛାପୁର



ଉଭୟ ଦଳର ଖେଳାଳି।

**ବିଜୁ ପଟ୍ଟନାୟକ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ**

ବ୍ରହ୍ମପୁର ଅଫିସ,୬।୩

ବ୍ରହ୍ମପୁର ଖଲ୍ଲିକୋଟ କଲେଜ ବିଜୁ ପଟ୍ଟନାୟକ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ନବମ ଦିନ ଶୁକ୍ରବାର ୧୪ବର୍ଷରୁ କମ ଆଲଫା ସ୍ପୋର୍ଟିଂ କ୍ଲବ ଓ ଇଚ୍ଛାପୁର କ୍ରିକେଟ କ୍ଲବ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ହୋଇଥିଲା। ଇଚ୍ଛାପୁର ଟିମ୍ ଟସ ଜିତି ବୋଲିଂ ପାଇଁ ନିଷ୍ପତ୍ତି ନେଇଥିଲା। ଆଲଫା ଟିମ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୬ ଉଇକେଟ ହରାଇ ୧୧୯ ରନ୍ ସଂଗ୍ରହ କରିଥିଲା। ଦ୍ୱିତୀୟ ଇନିଂସରେ ଇଚ୍ଛାପୁର ଟିମ୍ ୧୯.୨ ଓଭରରେ ୭ ଉଇକେଟ ହରାଇ ୧୨୦ ରନ ସଂଗ୍ରହ କରି ମ୍ୟାଚ ଜିତିଛି। ଇଚ୍ଛାପୁର ଟିମ୍ ପକ୍ଷରୁ ଆଦର୍ଶ ପଟ୍ଟନାୟକ ୪୧ ବଲରେ ୩୬ ରନ୍ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅମ୍ପାୟର ଭାବେ ଅଭିଜିତ ହୋତା ଓ ସୂର୍ଯ୍ୟ ସାମନ୍ତରା ଏବଂ ସ୍କୋରର ଭାବେ ଅମ୍ବିକା ପ୍ରସାଦ ପାଣିଗ୍ରାହୀ ଓ ଅବିନାଶ ମହାରଣା ମ୍ୟାଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଆଲଫା ଦଳର କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ମିଶ୍ର ଓ ସାଧାରଣ ସମ୍ପାଦକ ବିଜୟ ସିଂ ସାମନ୍ତ ଯୋଗଦେଇଥିଲେ। ଶନିବାର ବ୍ରହ୍ମପୁର ଆଲଫା ସ୍ପୋର୍ଟିଂ କ୍ଲବ ଓ ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ଏଆଇୱାଇଏଫ୍ ରାଜ୍ୟ ଶାଖା ନୂଆ କର୍ମକର୍ତ୍ତା

ବ୍ରହ୍ମପୁର ଅଫିସ,୬।୩

ବ୍ରହ୍ମପୁରରେ ଅନୁଷ୍ଠିତ ସିପିଆଇର ଅଖିଳ ଭାରତ ଯୁବ ସଂଘ (ଏଆଇୱାଇଏଫ)ର ୩ ଦିନିଆ ରାଜ୍ୟ ସମ୍ମିଳନୀ ଅବସରରେ ୪୫ ଜଣିଆ ଓଡ଼ିଶା ରାଜ୍ୟ ପରିଷଦ ଗଠନ ଓ ୯ ଜଣିଆ କର୍ମକର୍ତ୍ତା ନିର୍ବାଚନ ହୋଇଯାଇଛି। ଯୁବନେତା ପ୍ରଦୀପ କୁମାର ସେଠୀ ନୂଆ ରାଜ୍ୟ ସଭାପତି ହୋଇଛନ୍ତି। ସେ ପୂର୍ବରୁ ଓଡ଼ିଶା ଶାଖା ସମ୍ପାଦକ ଥିଲେ। ୩ ଜଣ ଉପସଭାପତିଙ୍କ ମଧ୍ୟରେ ପରମେଶ୍ୱର ବାରିକ, ରାଜେନ୍ଦ୍ର ନାଏକ ଓ ସତ୍ୟ ରଞ୍ଜନ ମହାନ୍ତି ଅଛନ୍ତି। ଅବକାଶ ସାହୁ ସମ୍ପାଦକ ହୋଇଛନ୍ତି। କାମଦେବ ନାହାକ, ତପନ କୁମାର ସିଟ ଓ କୁମାର ଜାନୀ ସହ ସମ୍ପାଦକ ହୋଇଥିବା ବେଳେ ହୃଦାନନ୍ଦ କୋଷାଧକ୍ଷ ନିର୍ବାଚିତ ହୋଇଛନ୍ତି। ସମସ୍ତ କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ଅବଧି ୩ ବର୍ଷ ବଳବତ୍ତର ରହିବ। ଏହାସହ ଚଳିତ ମାସ ୧୫ରୁ ୩ ଦିନ ଧରି ହାଇଦ୍ରାବାଦରେ ଅନୁଷ୍ଠିତ ହେବାକୁ ଥିବା ଯୁବ ସଂଘର ସର୍ବ ଭାରତୀୟ ସମ୍ମିଳନୀରେ ଯୋଗଦେବା ପାଇଁ ରାଜ୍ୟରୁ ୩୦ ଜଣଙ୍କୁ ମନୋନୀତ କରାଯାଇଥିବା ସହ ସମ୍ପାଦକ କାମଦେବ ସୂଚନା ଦେଇଛନ୍ତି।

## ଶେଷ ଦିନରେ ୨ ନାମାଙ୍କନପତ୍ର ଦାଖଲ

**ଗଞ୍ଜାମ ଓକିଲ ସଂଘ ନିର୍ବାଚନ**

ବ୍ରହ୍ମପୁର ଅଫିସ,୬।୩

ଗଞ୍ଜାମ ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ ପାଇଁ ଶୁକ୍ରବାର ଶେଷ ଦିନରେ କେବଳ ୨ ଜଣ ଉପସଭାପତି ପଦ ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେମାନେ ହେଲେ ଶରତ କୁମାର ପାଢୀ ଓ ଦିଲୀପ କୁମାର ପାତ୍ର। ତେବେ ଚଳିତବର୍ଷ ଉପସଭାପତି ପଦ ପାଇଁ ମୋଟ ୬ ଜଣ ନାମାଙ୍କନ ଦାଖଲ କରିଥିବା ବେଳେ ସଭାପତି ପାଇଁ ୨ ଜଣ, ସମ୍ପାଦକ ପାଇଁ ୩ ଜଣ ଓ ଯୁଗ୍ମ ସମ୍ପାଦକ ପଦ ପାଇଁ ୨ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ୨ ଦିନରେ ମୋଟ ୧୩ ଜଣ ବିଭିନ୍ନ ପଦବୀ ପାଇଁ ନାମାଙ୍କନପତ୍ର ଦାଖଲ କରିଥିବା ନିର୍ବାଚନ ଅଧିକାରୀ ନୟନ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ଶନିବାର ନାମାଙ୍କନପତ୍ର ଯାଞ୍ଚ କରାଯିବ। ୧୩ ତାରିଖରେ ନାମାଙ୍କନପତ୍ର ପ୍ରତ୍ୟାହାର ପାଇଁ ଦିନ ଧାର୍ଯ୍ୟ କରାଯାଇଥିବା ବେଳେ ୧୪ରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ କରାଯିବ। ଆସନ୍ତା ୨୮ ତାରିଖ ସକାଳ ୮ଟାରୁ ଅପରାହ୍ନ ୨ ଟା ଯାଏ ଭୋଟ ଗ୍ରହଣ କରାଯିବ। ଅପରାହ୍ନ ୩ଟା ପରେ ଭୋଟ ଗଣତି ଆରମ୍ଭ ହୋଇ ସନ୍ଧ୍ୟାରେ ଫଳାଫଳ ଘୋଷଣା କରାଯିବ ବୋଲି ନିର୍ବାଚନ ଅଧିକାରୀ ମହାପାତ୍ର କହିଛନ୍ତି।

## ତୃତୀୟ ଦିନରେ ୯ ପରୀକ୍ଷାର୍ଥୀ ମାଲ୍‌ପ୍ରାକ୍ଟିସ୍

**ଯୁକ୍ତ ୨ ପରୀକ୍ଷା**

ବ୍ରହ୍ମପୁର ଅଫିସ,୬।୩

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ଯୁକ୍ତ ୨ ପରୀକ୍ଷାର ତୃତୀୟ ଦିନ ଶୁକ୍ରବାର ବିଜ୍ଞାନ ଛାତ୍ରୀଛାତ୍ରଙ୍କ ଇଂଲିଶ ପରୀକ୍ଷା ହୋଇଥିଲା। ଦକ୍ଷିଣାଞ୍ଚଳର ୮ ଜିଲାର ବିଭିନ୍ନ କେନ୍ଦ୍ରରେ ପରୀକ୍ଷା ଦେଇଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯ ଜଣ ମାଲପ୍ରାକ୍ଟିସ୍ ହୋଇଥିବା ସୂଚନା ମିଳିଛି। ସେଥିମଧ୍ୟରେ ଗଞ୍ଜାମ ଜିଲାରେ ୮ ଜଣ ଓ କୋରାପୁଟ ଜିଲାର ଜଣେ ଅଛନ୍ତି।

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦକ୍ଷିଣାଞ୍ଚଳ ଉପସଚିବ ଡ. କୁଳମଣି ଓଝାଙ୍କ ସୂଚନା ଅନୁଯାୟୀ, ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୪ଜଣ ପରୀକ୍ଷାର୍ଥୀ ପ୍ରଶ୍ନପତ୍ରରେ ବିଭିନ୍ନ ଚିହ୍ନ ଦେବା ସହ ଗାର ଟାଣିଥିବାରୁ ଜୋନାଲ ସ୍କ୍ୱାଡ୍ ଦ୍ୱାରା ଧରାପଡ଼ି କପିରେ ବୁକ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ରେଗୁଲାର ଓ ଜଣେ ଏକ୍ସ-ରେଗୁଲାର ବିଦ୍ୟାର୍ଥୀ ରହିଥିବା ବେଳେ ଦି ମଦର୍ସ ଇଣ୍ଟରନ୍ୟାଶନାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ଓ ମଡେଲ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ପରୀକ୍ଷାର୍ଥୀ ରହିଛନ୍ତି। ସେହିପରି ଗଞ୍ଜାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ, କନିଷି ସ୍ଥିତ ସିଦ୍ଧ ଭୈରବୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨ ଜଣ ଏବଂ ପୋଡିଲିମାସ୍ଥିତ ଖାମ୍ବେୟା ଦୋରା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ପରୀକ୍ଷାର୍ଥୀ କପି କରି ଧରାପଡିଛନ୍ତି। ସେହିପରି କୋରାପୁଟ ଜିଲା ସୁନାବେଡ଼ାସ୍ଥିତ ଏରୋନଟିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜଣେ ପରୀକ୍ଷାର୍ଥୀଙ୍କ ନିକଟରୁ ମୋବାଇଲ ଫୋନ ଜବତ କରାଯିବା ସହ ସେ କପି କରିଥିବା ଆଭ୍ୟନ୍ତରୀଣ ସ୍କ୍ୱାଡ୍ ବୁକ କରିଥିବା ଡ. ଓଝା ସୂଚନା ଦେଇଛନ୍ତି।

## ଏପ୍ରିଲ ୬ରେ ପଶ୍ଚିମ, ମେ ୮ରେ ଦକ୍ଷିଣ ଭାରତ ଯିବ ସ୍ୱତନ୍ତ୍ର ଟ୍ରେନ

**ଆଇଆର୍‌ସିଟିସି ପକ୍ଷରୁ ଭାରତ ଦର୍ଶନ ଯାତ୍ରା**

ବ୍ରହ୍ମପୁର ଅଫିସ,୬।୩



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଆଇଆରସିଟିସିର ଅଧିକାରୀମାନେ।

ଇଣ୍ଡିଆନ ରେଲୱେ କ୍ୟାଟେରିଂ ଆଣ୍ଡ ଟୁ୍ୟରିଜମ୍ କର୍ପୋରେଶନ ଲିମିଟେଡ୍(ଆଇଆର୍‌ସିଟିସି) ପକ୍ଷରୁ ଦୁଇଟି ପର୍ଯ୍ୟାୟରେ ଭାରତ ଦର୍ଶନ ଯାତ୍ରା ଆୟୋଜିତ ହେବ। ଏପ୍ରିଲ ୬ରେ ପଶ୍ଚିମ ଏବଂ ମେ ୮ରେ ଦକ୍ଷିଣ ଭାରତ ଭ୍ରମଣ ପାଇଁ ସ୍ୱତନ୍ତ୍ର ଟ୍ରେନ ଛାଡ଼ିବ ବୋଲି ଶୁକ୍ରବାର ବ୍ରହ୍ମପୁର ରେଲଷ୍ଟେଶନ ପରିସରରେ ଥିବା ଆଇଆରସିଟିସି କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଯାତ୍ରା ବେଳେ ଯାତ୍ରୀଙ୍କ ରହିବା, ଖାଇବା ସମେତ ସମସ୍ତ ପ୍ରକାର ସୁବିଧା ଆଇଆରସିଟିସି ପକ୍ଷରୁ ଯୋଗାଇ ଦିଆଯିବ। ପ୍ରଥମ ଟ୍ରେନ୍ ବିଶାଖାପାଟଣାରୁ ପଶ୍ଚିମ ଭାରତ ଅଭିମୁଖେ ଯାଇ ଏପ୍ରିଲ ୧୬ରେ ପ୍ରତ୍ୟାବର୍ତ୍ତନ କରିବ। ୧୦ ରାତି ୧୧ ଦିନର ଏହି ଯାତ୍ରାରେ ଯାତ୍ରୀମାନେ ପଞ୍ଚ ଜ୍ୟୋତିର୍ଲିଙ୍ଗ ଓ ଶିରିଡି ଦର୍ଶନ କରିବେ। ଏହି ଯାତ୍ରା ପାଇଁ ଯାତ୍ରୀ ପିଛା ୧୧,୪୪୫ ଟଙ୍କାର ବୁକିଂ ଚାର୍ଜ ରଖାଯାଇଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ମେ ୮ରେ ବ୍ରହ୍ମପୁରରୁ ପ୍ରଥମ ଥର ପାଇଁ ଆରମ୍ଭ ହେବ। ୧୨ ସ୍ଲିପର ଓ ଗୋଟିଏ ଏସି କୋଚ ଥିବା ସ୍ୱତନ୍ତ୍ର ଟ୍ରେନ ବ୍ରହ୍ମପୁରରୁ ଦକ୍ଷିଣ ଭାରତ ଅଭିମୁଖେ ଯାତ୍ରା ଆରମ୍ଭ କରିବ। ମେ ୧୮ରେ ଏହା ପ୍ରତ୍ୟାବର୍ତ୍ତନ କରିବ। ଏହି ୧୦ ରାତି ୧୧ ଦିନର ଯାତ୍ରାରେ ଯାତ୍ରୀମାନେ ଶ୍ରୀରଙ୍ଗମ, ବ୍ରିହଦିସବର ମନ୍ଦିର ସହ ମଦୁରାଇ, ରାମେଶ୍ୱର, କନ୍ୟାକୁମାରୀ, ପଦ୍ମନାଭସ୍ୱାମୀ ମନ୍ଦିର, କାଞ୍ଚିପୁରମ୍, ତିରୁପତି ଆଦି ତୀର୍ଥସ୍ଥାନ ପରିଭ୍ରମଣ କରିବେ। ଏହି ଯାତ୍ରା ପାଇଁ ଯାତ୍ରୀଙ୍କୁ ଜଣ ପିଛା ଷ୍ଟାଣ୍ଡାର୍ଡରେ ୧୦,୩୯୫ ଏବଂ କମ୍ଫର୍ଟ କଟାଗୋରି ପାଇଁ ୧୨,୭୦୫ ଟଙ୍କା ବୁକିଂ ଚାର୍ଜ ରଖାଯାଇଛି। ଏକମାସ ପୂର୍ବରୁ ଉଭୟ ଯାତ୍ରା ପାଇଁ ବୁକିଂ ଆରମ୍ଭ ହେବାକୁ ଥିବା ବେଳେ ଇଚ୍ଛୁକ ଯାତ୍ରୀମାନେ ଆଇଆରସିଟିସିର ବ୍ରହ୍ମପୁର ସମେତ ବିଶାଖାପାଟଣା, ଭୁବନେଶ୍ୱର, ବିଳାସପୁର ଆଦି ଶାଖା ଏବଂ ଆଇଆରସିଟିସିର ୱେବସାଇଟ ଦ୍ୱାରା ବୁକିଂ କରିପାରିବେ ବୋଲି ସମ୍ମିଳନୀରେ ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଆଇଆରସିଟିସି ଟୁରିଜମର ଚିଫ୍ ସୁପରଭାଇଜର ବସୁଧା ଗୌର, ଟୁରିଜମ ଆସୋସିଏଟ୍ ରାକେଶ ବିଶ୍ୱାଳ, ଟୁରିଜମ କନସଲଟେଣ୍ଟ ଭଗବତୀ ରାଓ, କ୍ୟାଟେରିଂ ସୁପରିଣ୍ଟେଣ୍ଡେଣ୍ଟ ପ୍ରକାଶ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଫିଙ୍କା ପଡ଼ିପାରେ ହୋଲି ପର୍ବ

**କରୋନା ସଂକ୍ରମଣ ଭୟ, ରଙ୍ଗ ବ୍ୟବସାୟ ମାନ୍ଦା**



**ବ୍ରହ୍ମପୁର ଅଫିସ, ୬।୩: ରଙ୍ଗର ପର୍ବ ହୋଲି। ପ୍ରତିଟି ଭାରତୀୟଙ୍କ ବିଶ୍ୱାସ, ପରମ୍ପରା ଓ ବୈଜ୍ଞାନିକ ଦୃଷ୍ଟିକୋଣରୁ ଏହି ପର୍ବର ଗୁରୁତ୍ୱ ରହିଛି। ରାଧାକୃଷ୍ଣଙ୍କ ପ୍ରେମକୁ ଆଧାର କରି ହେଉ ଅବା ଏହି ଦିନରେ ହୋଲିକା ରାକ୍ଷସୀର ନିଧନ କାରଣରୁ ଦୋଳ ପୂର୍ଣ୍ଣିମା ପର ଦିନକୁ ହୋଲି ପର୍ବ ଭାବେ ପାଳନ କରାଯାଇଥାଏ। ହୋଲିରେ ଲୋକେ ପରସ୍ପରକୁ ରଙ୍ଗ ଲଗାଇ, ମିଠା ଖୁଆଇ ପୂର୍ବର ସମସ୍ତ ରାଗ, ଅଭିମାନ ଭୁଲି ଯାଇଥାନ୍ତି। ତେବେ ଚଳିତବର୍ଷ କରୋନା ଭୂତାଣୁ ନେଇ ହୋଲି ଫିଙ୍କା ପଡ଼ିବା ସମ୍ଭାବନା ରହିଛି। ହୋଲି ଖେଳିବେ କି ନାହିଁ ବ୍ରହ୍ମପୁର ସହରବାସୀ ଦ୍ୱନ୍ଦ୍ୱରେ ରହିଛନ୍ତି।। ରଙ୍ଗ, ଫଗୁ ବଜାର ଖାଁ ଖାଁ ରହୁଛି।**

### ସେମାନେ କୁହନ୍ତି...



ଆଉ ମାତ୍ର ୩ଦିନ ପରେ ହୋଲି ପର୍ବ। ହେଲେ ଏ ଯାଏ ଆଶାନୁରୂପ ରଙ୍ଗ ବିକ୍ରି ହୋଇନି। କରୋନା ସଂକ୍ରମଣ ଭୟରେ କେହି ରଙ୍ଗ କିଣିବାକୁ ଆସୁନାହାନ୍ତି। ମାନ୍ଦାବସ୍ଥାରେ ଚାଲିଛି ରଙ୍ଗ ବ୍ୟବସାୟ। ଏହି ରଙ୍ଗ କେବଳ ଫୁଲ, ଫଳ ଓ ପତ୍ରରୁ ପ୍ରସ୍ତୁତ ହୋଇଆସିଛି। କୌଣସି ପ୍ରକାର କେମିକାଲ କିମ୍ବା ଚାଇନା ବଜାରରୁ ଆସି ନାହିଁ।

**- ଟି. ଆର.କେ ସେନାପତି, ରଙ୍ଗ ବ୍ୟବସାୟୀ**



କରୋନା ଭୟରେ ଲୋକେ ରଙ୍ଗ କିଣିବା କଥା ଆଉ ଚିନ୍ତା କରୁନାହାନ୍ତି। ବେପାର ସମ୍ପୂର୍ଣ୍ଣ ମାନ୍ଦା। ଦୋକାନରେ ସ୍ୱଦେଶୀ ରଙ୍ଗ ବିକ୍ରି ହେଉଛି। ବିଭିନ୍ନ ପତ୍ର ଓ ଫୁଲରୁ ପ୍ରସ୍ତୁତ କରାଯାଇଛି। ୨୦ ବର୍ଷ ହେଲା ହୋଲିରେ ରଙ୍ଗ ବ୍ୟବସାୟ କରୁଛି। କେବଳ ଚଳିତ ବର୍ଷ ବେପାର ମାନ୍ଦା ଚାଲିଛି।

**- ଦଣ୍ଡପାଣି ପାତ୍ର, ବ୍ୟବସାୟୀ**



କରୋନା ଭାଇରସ ବ୍ୟାପିବା ଭୟରେ ରଙ୍ଗ ବେପାର ଫିଙ୍କା ପଡ଼ିଛି। ରଙ୍ଗରେ ଚାଇନାର କୌଣସି ଜିନିଷ ମିଶୁନାହିଁ। ତେଣୁ ଏଥିରେ ଭୟଭୀତ ହେବାର କିଛି କାରଣ ନାହିଁ। ଦୋଳ ଓ ହୋଲି ପର୍ବକୁ ପାଳନ କରିପାରିବାରେ କୌଣସି ଅସୁବିଧା ନାହିଁ। ତଥାପି ଲୋକଙ୍କ ମନରେ କରୋନା ଭୟ ରହିଥିବାରୁ ଆଶନୁରୂପ ବେପାର ହେଉନି।

**- କେ. ମୁନା ପାତ୍ର, ବ୍ୟବସାୟୀ**



ସଂକ୍ରମଣ ମାଧ୍ୟମରେ କରୋନା ବ୍ୟାପିବା ଭୟ ଥିବାରୁ ହୋଲି ପର୍ବ ସଚେତନତା ପୂର୍ବକ ପାଳନ କରିବା ଉଚିତ। ଯେଉଁ ରଙ୍ଗ ବଜାରରେ ମିଳୁଛି, ତାହାର ଠିକ୍ ପରୀକ୍ଷଣ କରାଯିବା ଆବଶ୍ୟକ। ଚାଇନାରୁ ଆସିଥିବା ରଙ୍ଗକୁ ବର୍ଜନ କରି ପତ୍ର ଓ ଫୁଲରୁ ପ୍ରସ୍ତୁତ ରଙ୍ଗ ବ୍ୟବହାର କରିବା।

**- ପ୍ରଦୀପ କୁମାର ମୁନି, ଛାତ୍ର**



ଆମ ଭାରତୀୟଙ୍କ ବଡ଼ ପର୍ବ ହେଉଛି ଦୋଳ ଓ ହୋଲି । ବଜାରରେ ସ୍ୱଦେଶର ରଙ୍ଗ, ଅବିର ମଧ ମିଳୁଛି। ଆମେ ନିଜେ ସଚେତନ ହେବା ସହ ଅନ୍ୟକୁ ସଚେତନ କରି ରଙ୍ଗକୁ ଯାଞ୍ଚ କରି ହୋଲି ଖେଳିବା ଉଚିତ ।

**- ୟୁ.ପ୍ରିୟଙ୍କା ରାଓ, ଛାତ୍ରୀ**

## ସଂକ୍ଷେପରେ

### ସ୍କୁଲରେ ପିଇବା ପାଣି ସମସ୍ୟା ନେଇ ସ୍ମାରକପତ୍ର

ପାଟପୁର,୬।୩-ଗଞ୍ଜାମ ଜିଲାପାଳ ବିଜୟ୍ ଅମୃତା କୁଲାଙ୍ଗେ ବିଦ୍ୟାଳୟରେ ପାଣି ପିଆ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ପଢ଼ିବା ସମୟରେ ୪ଥର ପାଣି ପିଆ ଘଣ୍ଟି ବଜାଇ ଛାତ୍ରୀଛାତ୍ରମାନଙ୍କୁ ପାଣି ମିଳୁନାହିଁ। ଏଭଳି ସମସ୍ୟା ଦେଖିବାକୁ ମିଳିଛି ସାନଖେମୁଣ୍ଡି ବ୍ଲକ ଆମ୍ବଗାଁ ପଞ୍ଚାୟତ ଅନ୍ତର୍ଗତ ସୁମନ୍ତପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ବିଦ୍ୟାଳୟରେ ପରିସରରେ ଗୋଟାଏ ପାଣି ପାଇପ୍ ଅଛି କିନ୍ତୁ ତାହା ୬ ମାସ ହେଲା ଅଚଳ ହୋଇପଡିଛି। ଗ୍ରାମରେ ଜଳ ଯୋଗାଣ ହେଉଥିବା ବେଳେ ମଧାହ୍ନ ଭୋଜନ ଏବଂ ପିଲାମାନଙ୍କୁ ପାଣି ପିଇବାରେ ଅସୁବିଧା ହେଉ ନ ଥିଲା। କିନ୍ତୁ ପ୍ରାୟ ଦୁଇ ମାସ ହେବ ଗ୍ରାମରେ ଜଳ ଯୋଗାଣ ବନ୍ଦ ହେବା ଫଳରେ ମଧାହ୍ନ ଭୋଜନ ରୋଷେଇ, ପିଇବା ପାଣି ସମସ୍ୟା ଓ ଶୌଚାଳୟକୁ ମଧ ପାଣି ମିଳୁ ନାହିଁ। ଏ ନେଇ ପ୍ରଧାନ ଶିକ୍ଷକ ବିଜୟ୍ କୁମାର ରଥ ସାନଖେମୁଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗାୟତ୍ରୀଦତ୍ତ ନାୟକଙ୍କୁ ସ୍ମାରକପତ୍ର ଦେଇଛନ୍ତି। ଏ ସମ୍ପର୍କରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ କହିଛନ୍ତି, ଶୀଘ୍ର ଜଳ ଯୋଗାଣ ପାଇଁ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯିବ।

### ବିଦ୍ୟୁତ୍ ଆଘାତରେ ଅଙ୍ଗନୱାଡି କର୍ମୀଙ୍କ ମୃତ୍ୟୁ

ବେଗୁନିଆପଡା,୬।୩(ଡି.ଏନ.ଏ.)-କୋଦଳା ଥାନା କଞ୍ଚାଣା ପଞ୍ଚାୟତର ରାଣୀପଡ଼ା ଗ୍ରାମରେ ଶୁକ୍ରବାର ଅପରାହ୍ନରେ ବିଦ୍ୟୁତ୍ ଆଘାତରେ ଉକ୍ତ ଗାଁର ଅଙ୍ଗନୱାଡି କର୍ମୀ ସଙ୍ଗୀତା ନାହାକଙ୍କ (୩୫) ମୃତ୍ୟୁ ଘଟିଛି। ସଙ୍ଗୀତା ନିଜ ୬ ମାସର ଛୁଆ ପାଇଁ ପାଣି ଗରମ କରିବାକୁ ରୋଷେଇ ଘରକୁ ଯିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କୋଦଳା ମେଡିକାଲକୁ ନିଆଯିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ କୋଦଳା ଥାନା ସବ୍ ଇନ୍ସପେକ୍ଟର ଅନିଲ କୁମାର ସାହୁ ମେଡିକାଲରେ ପହଞ୍ଚି ତଦନ୍ତ କରିବା ସହ ଶନିବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି କହିଛନ୍ତି। ସ୍ଥାନୀୟ ସରପଞ୍ଚ ଚିତ୍ରସେନ ଘୋଷ ମେଡିକାଲରେ ପହଞ୍ଚି ମୃତକ ପରିବାରକୁ ସମବେଦନା ଜଣାଇଛନ୍ତି।

# ବିଦେଶୀ ପର୍ଯ୍ୟଟକଙ୍କ ଉପରେ ନଜର

- କରୋନା ମୁକାବିଲା ପାଇଁ ବୈଠକ
- ହୋଟେଲକୁ ଜାରିହେଲା ନିର୍ଦ୍ଦେଶନାମା

**ଫୁଲବାଣୀ ଅଫିସ, ୬।୩**

ସାରା ବିଶ୍ୱରେ ଏବେ କରୋନା ଭୟ। ଓଡିଶାରେ ବି ଏହାର ପ୍ରଭାବ ପଡିଛି। ଏହାର ମୁକାବିଲା ଲାଗି କନ୍ଧମାଳ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ହୋଇଛି। ଏହିକ୍ରମରେ ଶୁକ୍ରବାର ଜିଲା ପ୍ରଶାସନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କନ୍ଧମାଳରେ ବହୁ ପର୍ଯ୍ୟଟନସ୍ଥଳୀ ଥିବାରୁ ବିଦେଶୀ ପର୍ଯ୍ୟଟକଙ୍କ ଉପରେ ଯାତାୟାତ ପାଇଁ କଟକଣା ଲଗାଯାଇଛି।

ଅନୁଷ୍ଠିତ ଜିଲାସ୍ତରୀୟ ଟାସ୍କଫୋର୍ସ ବୈଠକରେ ଜିଲାପାଳ ଡ଼ା. ବୃନ୍ଦା ଡ଼ି ଜନସାଧାରଣ କରୋନା ଠାରୁ କିପରି ଦୂରେଇ ରହିବେ ସେନେଇ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଜିଲାର ସମସ୍ତ ବିଭାଗ ଏ ନେଇ ନିଜ ସ୍ତରରେ ବିଭିନ୍ନ ହାଟ, ବଜାର, ଅଫିସରେ ଲୋକମାନଙ୍କୁ ଭିଡ଼ ସ୍ଥାନରେ ମୁହଁରେ ମାସ୍କ ପିନ୍ଧିବା, ଥଣ୍ଡା, କାଶ କିମ୍ବା ଜ୍ୱର ଲାଗି ରହିଲେ ଅନ୍ୟମାନଙ୍କଠାରୁ ଦୂରେଇ ରହିବା, ଏସବୁ ଲକ୍ଷଣ ଦେଖାଦେଲେ ତୁରନ୍ତ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଲୋକମାନଙ୍କୁ ସଚେନତନ କରିବାକୁ ପରାମର୍ଶ ଦେଇଛନ୍ତି। ସେହିପରି ବିଭିନ୍ନ ଗ୍ରାମ ପଞ୍ଚାୟତ ତଥା ବଜାରହାଟରେ ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ କରୋନା ସମ୍ପର୍କରେ ସଚେତନ କରାଯିବାକୁ ମଧ୍ୟ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ରାଜଶ୍ରୀ ପଟ୍ଟନାୟକ ଉପସ୍ଥିତ ରହି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ କରୋନା ରୋଗର ଲକ୍ଷଣ, ଏହାର ନିରାକରଣ ଉପରେ ସଚେତନତା ପୋଷ୍ଟର ଲଗାଯାଇଥିବା ଏବଂ ପ୍ରଚାର ଗାଡି ଲୋକଙ୍କୁ ସଚେତନ କରିବ ବୋଲି କହିଛନ୍ତି। ଜିଲାକୁ ଯଦି କୌଣସି ବିଦେଶୀ ପର୍ଯ୍ୟଟକ ଆସନ୍ତି, ସେମାନଙ୍କର ତଥ୍ୟ ଦେବାକୁ ସମସ୍ତ ହୋଟେଲକୁ ନିର୍ଦ୍ଦେଶନାମା ଜାରି କରାଯାଇଛି ବୋଲି ସେ କହିଛନ୍ତି।



ବୈଠକରେ ଆଲୋଚନା ଚାଲିଛି।

# ଗଞ୍ଜାମ ଡିଆର୍‌ଡିଏ ପାଇବ ଜାତୀୟ ସମ୍ମାନ ସ୍କଚ୍

## ରୁରାଲ ହାଉସିଂ ସଫଳତା ନେଇ ଅଭିନବ ପଦ୍ଧତି

**ଛତ୍ରପୁର,୬।୩(ଡି.ଏନ୍.ଏ.)**

ଗଞ୍ଜାମ ଜିଲାରେ ଚାଲିଥିବା ରୁରାଲ ହାଉସିଂର ସଫଳତା ଓ ଲକ୍ଷ୍ୟ ପୂରଣ ନେଇ ବହୁ ଅଭିନବ ପଦ୍ଧତି ଜିଲାପ୍ରଶାସନ ପକ୍ଷରୁ ଅବଲମ୍ବନ କରାଯାଉଛି। ଫଳରେ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କା ଘର ଯୋଜନାର ସଫଳତା ହିତାଧିକାରୀଙ୍କୁ ମିଳୁଛି। ଜିଲାପ୍ରଶାସନ ପକ୍ଷରୁ ଏଥିପାଇଁ ନିଆଯାଇଥିବା ଅଭିନବ ପଦକ୍ଷେପ ପାଇଁ ସ୍କଚ୍ (ଭାରତର ଉଚ୍ଚତମ ସ୍ୱାଧିନ ବେସାମରିକ ବ୍ୟକ୍ତି ସମ୍ମାନ) ଜାତୀୟ ସମ୍ମାନ ଗଞ୍ଜାମ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆରଡିଏ)କୁ ମିଳିବା ପାଇଁ ସ୍କଚ୍ ଅନୁଷ୍ଠାନ ପକ୍ଷରୁ ଘୋଷଣା ହୋଇଛି। ଚଳିତ ମାସ ୧୪ରେ ନୂଆଦିଲ୍ଲୀଠାରେ ଗଞ୍ଜାମ ଡିଆରଡିଏକୁ ଏହି ସମ୍ମାନ ମିଳିବ। ସୂଚନା ଅନୁଯାୟୀ, ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଯୋଜନାର କିଭଳି ସଫଳ ରୂପାୟନ ହେବ, ହିତାଧିକାରୀ ଠିକ୍‌ସମୟରେ ଘର ନିର୍ମାଣ ସାରିବେ ଏବଂ ସ୍ୱଚ୍ଛତା ଆସିବ ଆଦି ନେଇ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ କେତେକ ଅଭିନବ ପଦକ୍ଷେପ ନିଆଯାଇଛି। ଫଳରେ ଗଞ୍ଜାମ ଜିଲାପ୍ରଶାସନକୁ ସଫଳତା ମିଳିଛି। ସୂଚନା ଅନୁଯାୟୀ, ପ୍ରତିପଞ୍ଚାୟତରେ ଆବାସ ମେଳା ଆୟୋଜନ କରି ପଞ୍ଜିକରଣ ଓ କାର୍ଯ୍ୟାଦେଶ ବଣ୍ଟନ, ଆବାସ ବହି ବଣ୍ଟନ, ଆବସ ନିର୍ମାଣ ସହ ବର୍ଷା ଜଳ ସଂରକ୍ଷଣ, ପାଇଖାନା ନିର୍ମାଣ, ବନୀକରଣ, କମ୍ପୋଷ୍ଟ ପିଟ୍ ନିର୍ମାଣ, ଗୁହାଳ ଘର ଆଦି ନିର୍ମାଣ ସମ୍ବନ୍ଧରେ ହିତାଧିକାରୀଙ୍କୁ ସୁବିଧା ପହଞ୍ଚାଯାଉଛି। ସେହିପରି ଗୋଟିଏ ଦିନରେ ନିର୍ମାଣ ଆରମ୍ଭ ହୋଇ ନ ଥିବା ସମସ୍ତ ଘର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା, ଗୃହ ପ୍ରବେଶ ଉତ୍ସବ, ନୋଡାଲ ଅଫିସର ନିଯୁକ୍ତି, ଅଭିଯୋଗ ପଞ୍ଜିକରଣ ଓ ତା'ଉପରେ ପଦକ୍ଷେପ ନେବା, ବିକାଶ ରଥ ପରିକ୍ରମା କରି ଯୋଜନା ସମ୍ବନ୍ଧରେ ସଚେତନ କରିବା, ଗ୍ରାମ ପଞ୍ଚାୟତସ୍ତରରେ ମୋ ନିବେଦନ ଆଦି ନିଜସ୍ୱ ଅଭିନବ ପଦ୍ଧତି ଗଞ୍ଜାମ ଜିଲା ପ୍ରଶାସନ ଆପଣେଇଛି।

# ଜାଲ୍ ସାର୍ଟିଫିକେଟ୍‌ଧାରୀ ୨ ଶିକ୍ଷକ ଗିରଫ



ଜାଲ୍ ସାର୍ଟିଫିକେଟ୍ ଅଭିଯୋଗରେ ଗିରଫ ୨ ଶିକ୍ଷକ

**ଆସିକା,୬।୩ (ଡି.ଏନ୍.ଏ.)**

ଜାଲ୍ ସାର୍ଟିଫିକେଟ୍ ଦାଖଲ କରି ଶିକ୍ଷକତା କରୁଥିବା ଅଭିଯୋଗରେ ପୋଲିସ ଶୁକ୍ରବାର ଦୁଇଜଣ ଶିକ୍ଷକଙ୍କୁ ଗିରଫ କରିଛି। ସେମାନେ ହେଲେ ଆସିକା ଥାନା ମଣ୍ଡାପଡା ହାଇସ୍କୁଲର ସହକାରୀ ଶିକ୍ଷକ ଓକିଲ ବିଷୋୟୀ ଓ କେନ୍ଦୁପଦର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଅଶୋକ ସାହୁ। ସେମାନଙ୍କ ନିକଟରୁ ପୋଲିସ ଜାଲ୍ ସାର୍ଟିଫିକେଟ୍ ଜବତ କରିଛି। ଗିରଫ ଅଭିଯୁକ୍ତଙ୍କୁ ଶୁକ୍ରବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

ସୂଚନା ଯୋଗ୍ୟ ଯେ, ଏହି ଜାଲ୍ ସାର୍ଟିଫିକେଟ୍ ଧାରୀ ଶିକ୍ଷକଙ୍କୁ ଗିରଫ କରିବା ଲାଗି ଆସିକା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ପକ୍ଷରୁ ଗତ ଡିସେମ୍ବର ମାସରେ ଆସିକା ପୋଲିସରେ ଅଭିଯୋଗ ହୋଇଥିଲା। ଏନେଇ ଆସିକା ଥାନାରେ ନଂ.୪୬୬/୧୯ରେ ଏକ ମାମଲା ରୁଜୁ କରାଯାଇଥିଲା। ତେବେ ପୋଲିସ ପକ୍ଷରୁ ଫେରାର୍ ଥିବା ଅନ୍ୟ ଜାଲ୍ ସାର୍ଟିଫିକେଟ୍ ଧାରୀ ଶିକ୍ଷକଙ୍କୁ ଗିରଫ କରିବା ଲାଗି ଉଦ୍ୟମ ଜାରି ରହିଥିବା କୁହାଯାଇଛି।

ସୂଚନା ଯୋଗ୍ୟ ଗତ ଫେବୃଆରୀ ୨୯ରେ ଆସିକା ପୋଲିସ ଆସିକା ଥାନା ଇଲାକାର ଦୁଇଜଣ ଜାଲ୍ ସାର୍ଟିଫିକେଟ୍ ଧାରୀ ଶିକ୍ଷକଙ୍କୁ ଗିରଫ କଲାବେଳେ ଏକ ଜାଲ୍ ସାର୍ଟିଫିକେଟ୍ ରାକେଟ୍‌ର ପର୍ଦ୍ଦାଫାସ୍ ହୋଇଥିଲା। ପୋଲିସ ଏହି ମାମଲାରେ ୨ ଶିକ୍ଷକଙ୍କ ସମେତ ସାର୍ଟିଫିକେଟ୍ ପ୍ରସ୍ତୁତି ଓ ଦଲାଲି ଅଭିଯୋଗରେ କୋଦଳା ଓ ପୋଲସରାର ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

### ରାଜ୍ୟସ୍ତରୀୟ ପୋଲିସ ଶୁଟିଂ ଚାମ୍ପିୟନଶିପ୍

# ଛତ୍ରପୁର ଅଷ୍ଟମ ବାଟାଲିୟନ କମାଣ୍ଡାଣ୍ଟଙ୍କୁ ୩ ସ୍ୱର୍ଣ୍ଣ

**ଛତ୍ରପୁର,୬।୩(ଡି.ଏନ୍.ଏ.)**

ଯାଜପୁର ଜିଲା ବଇରିଠାରେ ୧ ରୁ ୪ ତାରିଖ ପର୍ଯ୍ୟନ୍ତ ୫୩ ତମ ରାଜ୍ୟ ପୋଲିସ ଶୁଟିଂ ଚାମ୍ପିୟନଶିପ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛତ୍ରପୁର ଅଷ୍ଟମ ବାଟାଲିୟନର କମାଣ୍ଡାଣ୍ଟ ଉଦୟ କୁମାର ରଥଙ୍କୁ ରାଇଫଲ ଓ ରିଭଲବର ଫାଇରିଂରେ ତିନିଟି ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ମିଳିଛି। ସେହିପରି ହାବିଲଦାର ନିର୍ମଳ ଚନ୍ଦ୍ର ବେହେରା ୧୦୦ ମିଟିର ରାଇଫଲ ଫାଇରିଂରେ ବ୍ରୋଞ୍ଜ ପଦକ ପାଇଥିବାବେଳେ ସିପାହୀ ବି. ରମେଶ ୩୦୦ ମିଟର ରାଇଫଲ ସ୍ନାପସଟ୍‌ରେ ସ୍ୱର୍ଣ୍ଣ ପଦକ, ୩୦୦ ମିଟର ରାଇଫଲ ଫାଇରିଂରେ ରୌପ୍ୟ ଓ ୨୦୦ ମିଟର ରାଇଫଲ କ୍ନିଲିଙ୍ଗରେ ବ୍ରୋଞ୍ଜ ପଦକ ପାଇଛନ୍ତି। ଗୁରୁବାର ଏହି ଟିମ୍ ଛତ୍ରପୁର ଅଷ୍ଟମ ବାଟାଲିୟନରେ ପହଞ୍ଚିବାରେ ବ୍ୟାଣ୍ଡ ବାଜା ବଜାଇ ସ୍ୱାଗତ କରାଯାଇଥିଲା। ଏଥିରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଗୋପବନ୍ଧୁ ତ୍ରିପାଠୀ ଓ ଅରୁଣ କୁମାର ପ୍ରଧାନ, ସୁବେଦାର ନୀଳାମ୍ବର ପରିଡା, ସୁରେନ୍ଦ୍ର ନାଥ ବେହେରା, ବ୍ରହ୍ମାନନ୍ଦ ମଲ୍ଲିକ ଓ ଡେପୁଟି ସୁବେଦାର ରମେଶ ରଥ, ନାୟକ ପ୍ରଧାନ ଓ ନିରଞ୍ଜନ ପାଢୀ, ହାବିଲଦାର ପ୍ରଭାକର ବେହେରାଙ୍କ ସମେତ ହାବିଲଦାର ଓ ସିପାହୀ ସଂଘର କର୍ମକର୍ତ୍ତା ପ୍ରମୁଖ ସାମିଲ ଥିଲେ।



କମାଣ୍ଡାଣ୍ଟ ଉଦୟ କୁମାର ରଥ।

# ପୋଖରୀରେ ବୁଡ଼ି ୨ ମୃତ

**ପାତ୍ରପୁର (ଡି.ଏନ୍.ଏ.)/ ପାଟପୁର,୬।୩**

ପାଟପୁର ଥାନା ରାଧାଦେଇପୁର ଗ୍ରାମ ନୂଆସାହି ପୋଖରୀରେ ବୁଡ଼ି ଶୁକ୍ରବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନୂଆ ସାହିର ଜୟସେନ ଗୌଡ (୨୬)। ଜୟସେନ ଭୋର ୫ଟାରେ ପୋଖରୀକୁ ଗାଧୋଇବା ପାଇଁ ଯାଇ ଅସାବଧାନତା କାରଣରୁ ପାଣିରେ ବୁଡ଼ିଯାଇଥିଲେ। ଜୟସେନ ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରି ପାଇ ନ ଥିଲେ। ଖବର ପାଇ ଦିଗପହଣ୍ଡି ଦମକଳ ବାହିନୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଖରୀରୁ ଜୟସେନଙ୍କୁ ଉଦ୍ଧାର କରି ଦିଗପହଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପାଟପୁର ପୋଲିସ ଡାକ୍ତରଖାନାରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଛି।

ସେହିପରି ପାତ୍ରପୁର ବ୍ଲକ ସାମନ୍ତରାପୁର ପଞ୍ଚାୟତ ଦାବାଡ଼ ଗ୍ରାମର ବିଶ୍ୱନାଥ ଶବରଙ୍କ ସ୍ତ୍ରୀ ପୂର୍ଣ୍ଣବାସୀ(୪୫) ପୋଖରୀକୁ ଗାଧୋଇବା ପାଇଁ ଯାଇ ପାଣିରେ ବୁଡ଼ି ଯାଇଥିଲେ । ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଜରଡ଼ା ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ମେଡିକାଲ ପଠାଇ ତଦନ୍ତ ଚଳାଇଛି।

### ଟ୍ରେଲର ଧକ୍କାରେ ବାଇକ୍ ଆରୋହୀ ମୃତ

ଗଞ୍ଜାମ,୬।୩(ଡି.ଏନ.ଏ.)-ରମ୍ଭା ଥାନା ପାଲୁର ଜଙ୍କସନଠାରେ ଶୁକ୍ରବାର ଏକ ଟ୍ରେଲର ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବ୍ରହ୍ମପୁର ଲାଞ୍ଜିପଲ୍ଲୀର ରାକେଶ ପାତ୍ର। ରାକେଶ ବାଇକ୍‌ରେ ଖଲ୍ଲିକୋଟ ଆସି ଫେରୁଥିବା ବେଳେ ଦୁର୍ଘଟଣା ଘଟିଥିଲା। ହୁମା ଫାଣ୍ଡି ଅଧିକାରୀ ରାମ ଚନ୍ଦ୍ର ବେହେରା ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦ୍ୱୟକୁ ଜବତ କରିଛନ୍ତି।








GANJAM, GAJAPATI, KANDHAMAL, BOUDH: FOR ENQUIRIES PLEASE CONTACT: 7428450154



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ